# D.A.V. PUBLIC SCHOOLS, POKHARIPUT, BBSR
## TERM - 1 (2020-2021)
## CLASS – VI
## SUBJECT – HIGHER ODIA

**TIME- 90 MINUTES** **SET -A** **Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ 'କ' ଓ 'ଖ' ନାମରେ ଦୁଇଟି ବିଭାଗ ଅଛି ।
- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି **।**
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ **।**

❖ **ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧ ରୁ ୫ ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।** **(୪୦X୧=୪୦)**

ମଣିଷକୁ ଘେରି ରହିଥିବା ଚତୁଃପାର୍ଶ୍ୱର ପ୍ରକୃତି , ଜଳ , ବାୟୁ ଆଦି ଆମ ପରିବେଶ । ଜଳ, ବାୟୁ, ଭୂମି, ଉଦ୍ଭିଦର ସମାହାର ଯେଉଁ ପରିବେଶରେ ମନୁଷ୍ୟ ଆପଣାର ଜୀବନ ଅତିବାହିତ କରୁଛି , ତାହା ଆଜି ପ୍ରଦୂଷିତ । ଏହି ଦୂଷିତ ପରିବେଶ ହିଁ ମଣିଷ ଜୀବନକୁ ସଙ୍କଟମୟ ସ୍ଥିତିରେ ପକାଇଛି । ମନୁଷ୍ୟର ଜୀବନ ଦୁର୍ବିସହ ହୋଇଉଠିଛି । ବାୟୁ ପ୍ରଦୂଷଣ ବିଶ୍ୱବାସୀଙ୍କ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଏଥିଯୋଗୁଁ ଜନସାଧାରଣଙ୍କ ଅକାଳ ମୃତ୍ୟୁ ଘଟୁଛି । ବିଶ୍ୱରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ୨୦୧୬ରେ 'ପ୍ୟାରିସ୍ ଜଳବାୟୁ ଚୁକ୍ତି' ସ୍ୱାକ୍ଷରିତ ହୋଇଥିଲା । ତେବେ ଦୁଃଖର ବିଷୟ ଆମେରିକା ଏହି ଚୁକ୍ତିରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛି । ବିଶ୍ୱର ୨୦ଟି ପ୍ରଦୂଷିତ ସହର ମଧ୍ୟରେ କେବଳ ଭାରତରେ ରହିଛି ୧୦ଟି ସହର । ଚୀନ୍ ଓ ଆମେରିକା ପରେ ଭାରତ ହେଉଛି ବିଶ୍ୱକୁ ସର୍ବାଧିକ ପ୍ରଦୂଷିତ କରୁଥିବା ଦେଶ । ଆମ ଦେଶର ଗ୍ୱାଲିଅର , ଆହ୍ଲାବାଦ୍ ,ପାଟନା ଓ ରାୟପୁର ବିଶ୍ୱର ସର୍ବାଧିକ ୧୦ଟି ପ୍ରଦୂଷିତ ନଗରୀ ମଧ୍ୟରେ ସ୍ଥାନ ପାଇଛି । ପବନରେ ଥିବା ପାର୍ଟିକୁଲେଟ ମେଟର (ପିଏମ) ନାମକ ବିଷାକ୍ତ ଗ୍ୟାସ ମନୁଷ୍ୟର ଶ୍ୱାସ ନେବାରେ ବାଧା ସୃଷ୍ଟି କରିଥାଏ । ପିଏମ ୨.୫ ଓ ପିଏମ ୧୦ ଶରୀରକୁ ସର୍ବାଧିକ କ୍ଷତି ପହଞ୍ଚାଇଥାଏ । ବିଶେଷକରି କିଡ଼ନୀ ଓ ହୃଦୟକୁ ଏହା ନଷ୍ଟ କରିଦେଇଥାଏ । ପ୍ରଦୂଷଣ ଯୋଗୁଁ ପ୍ରତି ବର୍ଷ ଭାରତରେ ପ୍ରାୟ ୫ ଲକ୍ଷ ଲୋକଙ୍କ ଅକାଳ ମୃତ୍ୟୁ ଘଟିଥାଏ । ଶରୀରରେ ପିଏମ ୨.୫ ପ୍ରବେଶ କରିବା ଯୋଗୁଁ ମନୁଷ୍ୟର ବୟସ ପ୍ରାୟ ସାଢେ ୩ ବର୍ଷ କମି ଯାଇଥାଏ । ଜଳବାୟୁ ପ୍ରଦୂଷଣକୁ ଭୁଲି କିଛି ଦେଶ କଳକାରଖାନା ପ୍ରତିଷ୍ଠା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଚଳାଇଛନ୍ତି, ଯାହା ଆଗାମୀ ବଂଶଧର ପାଇଁ ଚିନ୍ତାର ବିଷୟ ପାଲଟିଛି । ନିଜ ପରିବେଶକୁ ନିଜେ ହିଁ ରକ୍ଷା କରିବାକୁ ଉଦ୍ୟମ କରିବା ଉଚିତ ।

**୧. ପିଏମ କିପରି ଶରୀରକୁ କ୍ଷତି ପହଞ୍ଚାଇଥାଏ ?**

**(i)** ଚକ୍ଷୁ ନଷ୍ଟ ହୁଏ ।

**(ii)** ଶ୍ୱାସ ନେବାରେ ବାଧା, କିଡ଼ନୀ ଓ ହୃଦୟକୁ ଏହା ନଷ୍ଟ କରିଦେଇଥାଏ ।

**(iii)** ଗୋଡ଼ ଓ ହାତ ଭାଙ୍ଗିଯାଏ ।

**(iv)** ଶ୍ରବଣ ଶକ୍ତି ନଷ୍ଟ କରିବା ସହିତ ଚାଲିବାରେ ବାଧା ସୃଷ୍ଟି ହୁଏ ।

**୨. ଆମ ଦେଶର ୧୦ଟି ପ୍ରଦୂଷିତ ନଗରୀ ମଧ୍ୟରେ କିଏ ସ୍ଥାନ ପାଇଛି ?**

**(i)** ଗ୍ୱାଲିଅର , ଆହ୍ଲାବାଦ୍ ,ପାଟନା ଓ ରାୟପୁର

**(ii)** ପଞ୍ଜାବ , ଦିଲ୍ଲୀ , ରାୟପୁର

**(iii)** ଭୁବନେଶ୍ୱର , ଗୋଆ ,ଗ୍ୱାଲିଅର

**(iv)** ଆହ୍ଲାବାଦ , ମଧ୍ୟପ୍ରଦେଶ , ଆସାମ

**୩. ବିଶ୍ୱକୁ ସର୍ବାଧିକ ପ୍ରଦୂଷିତ କରୁଥିବା ଦେଶଗଡ଼ିକର ନାମ କ'ଣ ?**

**(i)** ଚୀନ ଓ ପାକିସ୍ତାନ

**(ii)** ଆମେରିକା ଓ ଜାପାନ

**(iii)** ଭାରତ , ନେପାଳ , ଇଣ୍ଡୋନେସିଆ

**(iv)** ଚୀନ୍ ଓ ଆମେରିକା ପରେ ଭାରତ

**୪. ଆଗାମୀ ବଂଶଧର ପାଇଁ ଚିନ୍ତାର ବିଷୟ କ'ଣ ?**

**(i)** ଆର୍ଥିକ ସମସ୍ୟାର ସମାଧାନ

**(ii)** କରୋନାରୁ ମୁକ୍ତି ପାଇଁ ଚିନ୍ତା

**(iii)** ଜଳବାୟୁ ପ୍ରଦୂଷଣକୁ ଭୁଲି ,କଳକାରଖାନା ପ୍ରତିଷ୍ଠା ଉପରେ ଗୁରୁତ୍ୱ

**(iv)** ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା

**୫. ବିଶ୍ୱରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ କେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ?**

**(i)** ରାଫେଲ୍ ଚୁକ୍ତି

**(ii)** 'ପ୍ୟାରିସ୍ ଜଳବାୟୁ ଚୁକ୍ତି' ।

**(iii)** ପରମାଣୁ ଚୁକ୍ତି

**(iv)** ଇରାନ ଓ ଭାରତ ତୈଳ ଚୁକ୍ତି ।

**୬. ଭାରତୀୟ ଭାବୁକ କାନରେ କି ----------- ବାଣୀ କହୁଥିଲେ । (ଶୂନ୍ୟସ୍ଥାନ ପାଇଁ ଠିକ୍ ଶବ୍ଦଟିକୁ ଚିହ୍ନଟ କର ।)**

**(i)** ଅଜ୍ଞାତ

**(ii)** ସାଧନା

**(iii)** ନୀରବ

(iv) ଭାବୁକ

**୭. ଆଜିର ପିଲା ଆସନ୍ତା କାଲିର ------------------ । (ଶୂନ୍ୟସ୍ଥାନ ପାଇଁ ଠିକ୍ ଶବ୍ଦଟିକୁ ଚିହ୍ନଟ କର ।)**

**(i)** ବର୍ତ୍ତମାନ

**(ii)** ଅତୀତ

**(iii)** ଭବିଷ୍ୟତ

(iv) ନାଗରିକ

୮. 'ହାନି' ଶବ୍ଦର ବିପରୀତ ଶବ୍ଦ ଚିହ୍ନଟ କର ।

**(i)** କ୍ଷତି

**(ii)** ମାନି

**(iii)** ଜ୍ଞାନୀ

(iv) ଲାଭ

୯. 'ନିୟମ' ଶବ୍ଦର ବିପରୀତ ଶବ୍ଦ ଚିହ୍ନଟ କର ।

**(i)** ବେନିୟମ

**(ii)** ଫିୟମ

**(iii)** କାନୁନ

(iv) ସନିୟମ

୧୦. 'ପିତାମହୀ' ଶବ୍ଦର ଉପଯୁକ୍ତ ଲିଙ୍ଗ ପରିବର୍ତ୍ତିତ ଶବ୍ଦ ଚିହ୍ନଟ କର ।

**(i)** ପିତାମହିନୀ

(ii) ପିତାମହ

(iii) ପିତାମହୁଣୀ

(iv) ମାତାମହୀ

୧୧. 'ସମ୍ମୁଦୁଣୀ' ଶବ୍ଦର ଉପଯୁକ୍ତ ଲିଙ୍ଗ ପରିବର୍ତ୍ତିତ ଶବ୍ଦ ଚିହ୍ନଟ କର ।

**(i)** ସମ୍ମୁଦ

**(ii)** ସମ୍ମୂଦୀ

**(iii)** ସମ୍ମୁଦି

**(iv)** ସମ୍ମୁଦୁଆଣୀ

୧୨. 'ଖଦ୍ୟୋତ' ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଚିହ୍ନଟ କର ।

**(i)** ପିକ

**(ii)** କୁକ୍କୁଟ

**(iii)** ଜୁଳୁଜୁଳିଆ ପୋକ

**(iv)** ଶୁଆ

୧୩. ' ଅଚ୍ୟୁତ' ଶବ୍ଦର ଉପଯୁକ୍ତ ପ୍ରତିଶବ୍ଦ ଚିହ୍ନଟ କର ।

**(i)** ଭୀଷ୍ମ

**(ii)** ଅର୍ଜୁନ

**(iii)** ଭୀମ

**(iv)** ଶ୍ରୀକୃଷ୍ଣ

**୧୪. ' ଅରଣ୍ୟ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟକୁ ଚିହ୍ନଟ କର ।**

**(i)** ସଭ୍ୟତାର କେନ୍ଦ୍ର ଅରଣ୍ୟ ଅଟେ ଭାରତୀୟ ।

**(ii)** ସବୁଜ ଅରଣ୍ୟ ଦେଖିବାକୁ

**(iii)** ମୁନିଋଷିମାନେ ଘଞ୍ଚ ଅରଣ୍ୟରେ ତପସ୍ୟା କରୁଥିଲେ ।

**(iv)** ଅରଣ୍ୟ ପ୍ରଦେଶରେ ମୁନିଋଷିମାନେ ।

**୧୫. ' ପ୍ରତ୍ୟାବର୍ତ୍ତନ' ଶବ୍ଦ ବ୍ୟବହୃତ ସାର୍ଥକ ବାକ୍ୟକୁ ଚିହ୍ନଟ କର ।**

**(i)** ମୋ ବାପା ପ୍ରତିଦିନ ଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

**(ii)** ପ୍ରତ୍ୟାବର୍ତ୍ତନ ବନକୁ କରିବାକୁ ଯିବ ରାମ ।

**(iii)** ମୁଁ ପ୍ରତିଦିନ ବିଦ୍ୟାଳୟରୁ ଘରକୁ ପ୍ରତ୍ୟାବର୍ତ୍ତନ ।

**(iv)** ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ।

**୧୬. ' ପରୱାନା' ଶବ୍ଦର ଉପଯୁକ୍ତ ଅର୍ଥ ଚିହ୍ନଟ କର ।**

**(i)** ପିଅନ

(ii) ଆଦେଶପତ୍ର

(iii) ରାଜକର୍ମଚାରୀ

(iv) ନମସ୍କାର

**୧୭. ' କୃତକୃତ୍ୟ' ଶବ୍ଦର ଉପଯୁକ୍ତ ଅର୍ଥ ଚିହ୍ନଟ କର ।**

**(i)** ଇତସ୍ତତଃ

(ii) ଶାସନ

(iii) କାର୍ଯ୍ୟ

(iv) ଧନ୍ୟ

**୧୮. 'ଗର୍ଜନ୍ତି ଆବୋରିଣ ପାଣି ' ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?**

**(i)** ମେଘ

(ii) ବିଜୁଳି

(iii) ଗାଈ

(iv) ମଣ୍ଡୂକ

**୧୯. ମୟୂର କାହାକୁ ଚାହିଁ ନୃତ୍ୟ କରେ ?**

**(i)** ନଦୀ

(ii) ମେଘ

(iii) ପାହାଡ଼

(iv) ଝରଣା

୨୦. ବର୍ଷା ଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

(i) ବନ୍ୟା ଯୋଗୁଁ

**(ii)** ଧରାପୃଷ୍ଠ ଉତ୍ତପ୍ତ ଯୋଗୁଁ

(iii) ଧରା ଶସ୍ୟସମ୍ପଦରେ ପରିପୂର୍ଣ୍ଣ ହୁଏ

(iv) ଭୂମିକମ୍ପ ହୁଏ

୨୧. କେଉଁମାନେ ସିଂହଦ୍ୱାର ନିକଟରେ ଥାଇ ଶ୍ରୀକୃଷ୍ଣଙ୍କୁ ଡାକୁଛନ୍ତି ?

**(i)** ଗୋପୀମାନେ

(ii) କଂସର ଦୂତଗଣ

(iii) ନନ୍ଦରାଜାଙ୍କ ଦୂତଗଣ

(iv) ଗୋପାଳ ବାଳକମାନେ

୨୨. ମାତା ଯଶୋବନ୍ତୀ ଶ୍ରୀକୃଷ୍ଣଙ୍କୁ ଏଥିମଧ୍ୟରୁ କେଉଁ ଖାଦ୍ୟ ଖୁଆଇବାର କଥା କହିନାହାନ୍ତି ?

**(i)** ଖଇ

(ii) ଅଧାମ

(iii) ଗୋଟିକା

(iv) ଲବଣୀ

୨୩. 'ପ୍ରଭାତ ଅବକାଶ' କବିତାଟିରେ ଯଶୋଦାଙ୍କର ମାତୃ ସ୍ନେହ କିପରି ଫୁଟି ଉଠିଛି ?

**(i)** ହିଂସାତ୍ମକ ମାତୃସ୍ନେହ

(ii) କୁଟିଳ ମାତୃସ୍ନେହ

(iii) ଅନାବିଳ ମାତୃସ୍ନେହ

(iv) କିଞ୍ଚିତ ମାତୃସ୍ନେହ

୨୪. ଭାରତୀୟ ସଭ୍ୟତାର କେନ୍ଦ୍ର କାହାକୁ କୁହାଯାଇଛି ?

**(i)** ପର୍ବତ

(ii) ଅରଣ୍ୟ

(iii) ସାଗର

(iv) ତଟିନୀ

୨୫. ଭାରତର କେଉଁ ପ୍ରାଚୀନ କାବ୍ୟରେ ଅରଣ୍ୟର କଥା କୁହାଯାଇଛି ?

**(i)** ଓଡ଼ିଆ ଭାଷା ବ୍ୟାକରଣ

(ii) କୁମାର ସମ୍ଭବ

(iii) ଚିତ୍ରଚରିତ୍ର

(iv) ଓଡ଼ିଆ ଅଭିଧାନ

୨୬. ପଣ୍ଡିତ ଗୋପବନ୍ଧୁ ଦାସ କେଉଁ ସାହିତ୍ୟପତ୍ରର ପ୍ରତିଷ୍ଠାତା ?

**(i)** ଝଙ୍କାର

(ii) ବୋଧଦାୟିନୀ

(iii) ସତ୍ୟବାଦୀ

(iv) ସମାଜ

୨୭. ସତ୍ୟନାରାୟଣ ରାଜଗୁରୁ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

**(i)** ପାରଳାଖେମୁଣ୍ଡି

(ii) ସୁଆଣ୍ଡୋ

(iii) କନ୍ତିଲୋ

(iv) ନାଟରା

୨୮. ପାରଳା ଖେମୁଣ୍ଡିର ମହାରାଜା କିଏ ?

**(i)** ରାମମୋହନ ରାୟ

**(ii)** କୃଷ୍ଣଚନ୍ଦ୍ର ଭଞ୍ଜ

**(iii)** କୃଷ୍ଣଚନ୍ଦ୍ର ଗଜପତି

**(iv)** ଶ୍ରୀରାମଚନ୍ଦ୍ର ଭଞ୍ଜ

୨୯. ମନୁଷ୍ୟର ଜ୍ଞାନ ସହିତ କ'ଣ ଏକା ସ୍ତରରେ ରହିବା ଆବଶ୍ୟକ ?

**(i)** ଧର୍ମ

(ii) ବୁଦ୍ଧି

(iii) ବିଦ୍ୟା

(iv) କର୍ମ

୩୦. ଆମେରିକା ଲୋକଙ୍କଠୁଁ ଶିଖିବାର ସବୁଠୁ ବଡ଼ କଥାଟି କ'ଣ ?

(i) ଅନ୍ୟକୁ ସାହାଯ୍ୟ କରିବା

**(ii)** ଅନ୍ୟର ପ୍ରଶଂସା କରିବା

**(iii)** ଅନ୍ୟକୁ ଠକିବା

(iv) ଅନ୍ୟର ନିନ୍ଦା କରିବା

୩୧. ମିଷ୍ଟର ବେକର୍ କିଏ ?

**(i)** ଅବସର ପ୍ରାପ୍ତ ଡାକ୍ତର

**(ii)** ଅବସର ପ୍ରାପ୍ତ ଇଞ୍ଜିନିୟର

**(iii)** ଅବସର ପ୍ରାପ୍ତ ଶିକ୍ଷକ

**(iv)** ଓକିଲ

**୩୨. "କ'ଣ ସାର୍, ଯା' ପାଉଛି ଖାଉଛି । " – ଏହି ଉକ୍ତିଟି କାହାର ?**

**(i)** ବିଜ୍ଞାନ ଶିକ୍ଷକ

(ii) ମିଷ୍ଟର ବେକର

(iii) ଅଧ୍ୟାପକ

(iv) ବି.ଏ. ଅନର୍ସର ଛାତ୍ର

**୩୩. କ'ଣ କଲେ ଆମେ ସଡ଼କ ଦୁର୍ଘଟଣା ଏଡ଼ାଇ ପାରିବା ?**

**(i)**ମୋବାଇଲ୍‌ରେ କଥାହୋଇ ଗାଡ଼ି ଚଲାଇବା

**(ii)** ବିନା ହେଲ୍‌ମେଣ୍ଟରେ ଗାଡ଼ି ଚଲାଇବା

**(iii)** ରାସ୍ତାର ନିୟମ ମାନିବା

**(iv)** ନିଜ ଇଚ୍ଛାରେ ଗାଡ଼ିଚଲାଇବା

**୩୪. ରାସ୍ତା ଦୁର୍ଘଟଣା ଦ୍ୱାରା କି କ୍ଷତି ହୁଏ ?**

**(i)** ଗାଡ଼ି ଭାଙ୍ଗିଯାଏ

**(ii)** ଧନ ଓ ଜୀବନ କ୍ଷତିହୁଏ

**(iii)** ଗୋଡ଼ ଭାଙ୍ଗିଯାଏ

**(iv)** ମୁଣ୍ଡ ଫାଟିଯାଏ

**୩୫. ଆମେ ପାଖଆଖର ବିଭିନ୍ନ କାର୍ଯ୍ୟ ପାଇଁ କ'ଣ ବ୍ୟବହାର କରିଥାଉ ?**

**(i)** କାର

**(ii)** ଶଗଡ଼ଗାଡ଼ି

**(iii)** ସାଇକେଲ୍

**(iv)** ବସ୍

**୩୬. ଅଠରବର୍ଷ ବୟସରେ ସଭର୍‌କର୍ ଗଢ଼ିଥିବା ବିପ୍ଳବୀ ଦଳର ନାମ କ'ଣ ?**

(i) କ୍ରାନ୍ତୀକାରି ଦଳ

(ii) ମିତ୍ରମେଳା

(iii) ସଭର୍‌କର୍ ଦଳ

(iv) ସ୍ୱାଧୀନତା ସଂଗ୍ରାମୀ ଦଳ

**୩୭. ସଭର୍‌କର୍ ଆଣ୍ଡାମାନ ଜେଲ୍‌ରେ କେତେ ବର୍ଷ କଟାଇଥିଲେ ?**

**(i)** ଦଶବର୍ଷ

**(ii)** ଏଗାରବର୍ଷ

**(iii)** ବାରବର୍ଷ

**(iv)** ଷୋଳବର୍ଷ

୩୮. "ତୁମେ ତ ଏକା ନୁହଁ , ତୁମର ଆଉ ଦୁଇଜଣ ଭାଇଙ୍କୁ ମଧ୍ୟ ଜେଲ୍‌କୁ ନିଆଗଲାଣି ।"

– ଏହି ଉକ୍ତି କାହାର ?

(i) ବାଲ୍‌ଗଙ୍ଗାଧର ତିଲକ

(ii) ଗଣେଶ

(iii) ଇଂରେଜ ସାମ୍ବାଦିକ

(iv) ରାଣୀ ଭିକ୍ଟୋରିଆ

୩୯. ମୋଗଲ ଶାସନ କାଳରେ ବିଚାର ପତିମାନଙ୍କୁ କ'ଣ କୁହାଯାଉଥିଲା ?

(i) ସୁବେଦାର

(ii) ପିଆଦା

(iii) କାଜି

(iv) ସମ୍ରାଟ

୪୦. ରାଜକାର୍ଯ୍ୟରୁ ଅବସର ପାଇଲେ,ଗିଆସୁଦ୍ଦିନ୍ କ'ଣ କରୁଥିଲେ ?

(i) ଭ୍ରମଣ କରୁଥିଲେ

(ii) ଶୟନ କରୁଥିଲେ

(iii) ସଂଗୀତ ଗାନ କରୁଥିଲେ

(iv) ଲାଖ ବିନ୍ଧାରେ ମାତୁଥିଲେ

*******************

**D.A.V. PUBLIC SCHOOLS, POKHARIPUT, BBSR**
**TERM - 1 (2020-2021)**
**CLASS – VI**
**SUBJECT – HIGHER ODIA**
**TIME- 90 MINUTES SET -A Maximum Marks -40**

| Qs No | Answer |
|---|---|
| ୧ | **(ii)** ଶ୍ୱାସ ନେବାରେ ବାଧା, କିଡ଼ନୀ ଓ ହୃଦୟକୁ ଏହା ନଷ୍ଟ କରିଦେଇଥାଏ । |
| ୨ | **(i)** ଗ୍ୱାଲିଅର , ଆହ୍ଲାବାଦ୍ ,ପାଟନା ଓ ରାୟପୁର |
| ୩ | **(iv)** ଚୀନ୍ ଓ ଆମେରିକା ପରେ ଭାରତ |
| ୪ | **(iii)** ଜଳବାୟୁ ପ୍ରଦୂଷଣକୁ ଭୁଲି ,କଳକାରଖାନା ପ୍ରତିଷ୍ଠା ଉପରେ ଗୁରୁତ୍ୱ |
| ୫ | **(ii)** 'ପ୍ୟାରିସ୍ ଜଳବାୟୁ ଚୁକ୍ତି' । |
| ୬ | **(iii)** ନୀରବ |
| ୭ | **(iv)** ନାଗରିକ |
| ୮ | **(iv)** ଲାଭ |
| ୯ | **(i)** ବେନିୟମ |
| ୧୦ | **(ii)** ପିତାମହ |
| ୧୧ | **(iii)** ସମୃଦ୍ଧି |
| ୧୨ | **(iii)** ଜୁଳୁଜୁଳିଆ ପୋକ |
| ୧୩ | **(iv)** ଶ୍ରୀକୃଷ୍ଣ |
| ୧୪ | **(iii)** ମୁନିଋଷିମାନେ ଘଞ୍ଚ ଅରଣ୍ୟରେ ତପସ୍ୟା କରୁଥିଲେ । |
| ୧୫ | **(i)** ମୋ ବାପା ପ୍ରତିଦିନ ଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି । |
| ୧୬ | **(ii)** ଆଦେଶପତ୍ର |
| ୧୭ | **(iv)** ଧନ୍ୟ |
| ୧୮ | **(iv)** ମଣ୍ଡୂକ |
| ୧୯ | **(ii)** ମେଘ |

| | |
|---|---|
| ୨୦ | **(iii)** ଧରା ଶସ୍ୟସମ୍ପଦରେ ପରିପୂର୍ଣ୍ଣ ହୁଏ |
| ୨୧ | **(iv)** ଗୋପାଳ ବାଳକମାନେ |
| ୨୨ | **(i)** ଖଇ |
| ୨୩ | **(iii)** ଅନାବିଳ ମାତୃସ୍ନେହ |
| ୨୪ | **(ii)** ଅରଣ୍ୟ |
| ୨୫ | **(ii)** କୁମାର ସମ୍ଭବ |
| ୨୬ | **(iii)** ସତ୍ୟବାଦୀ |
| ୨୭ | **(i)** ପାରଳାଖେମୁଣ୍ଡି |
| ୨୮ | **(iii)** କୃଷ୍ଣଚନ୍ଦ୍ର ଗଜପତି |
| ୨୯ | **(iv)** କର୍ମ |
| ୩୦ | **(ii)** ଅନ୍ୟର ପ୍ରଶଂସା କରିବା |
| ୩୧ | **(ii)** ଅବସର ପ୍ରାପ୍ତ ଇଞ୍ଜିନିୟର |
| ୩୨ | **(iv)** ବି.ଏ. ଅନର୍ସର ଛାତ୍ର |
| ୩୩ | **(iii)** ରାସ୍ତାର ନିୟମ ମାନିବା |
| ୩୪ | **(ii)** ଧନ ଓ ଜୀବନ କ୍ଷତିହୁଏ |
| ୩୫ | **(iii)** ସାଇକେଲ୍ |
| ୩୬ | **(ii)** ମିତ୍ରମେଳା |
| ୩୭ | **(i)** ଦଶବର୍ଷ |
| ୩୮ | **(iii)** ଇଂରେଜ ସାମ୍ରାଦିକ |
| ୩୯ | **(iii)** କାଜି |
| ୪୦ | **(iv)** ଲାଖ ବିନ୍ଧାରେ ମାତୁଥିଲେ |